ବିଜ୍ଞପ୍ତି ନଂ ୩୦୩ /ଆଜାମ୍ନି

# ଜିଲ୍ଲାରେ ପ୍ରଥମ କରୋନା ମୃତ୍ୟୁ

ତା ୩୦/୦୬/୨୦୨୦

ଶିଳ୍ପ ସଂସ୍ଥା ନାଲକୋର 57 ବର୍ଷ ବୟସ୍କ ଜଣେ ବରିଷ୍ଠ ଅଧିକାରୀ ବୁର୍ଲା ସ୍ଥିତ ଭିମସାର ମେଡ଼ିକାଲ୍ କଲେଜରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ନମୁନା ପରୀକ୍ଷଣରେ ଗତକାଲି ସେ କରୋନା ପଜିଟିଭ୍ ଥିବାର ଜଣାପଡ଼ିଥିଲା । ଆଜି ତାଙ୍କୁ ବୁର୍ଲା ମେଡ଼ିକାଲ କଲେଜରୁ ତାଳଚେର କୋଭିଡ଼ ହସ୍ପିଟାଲକୁ ସ୍ଥାନାନ୍ତର କରିବା ପରେ, ସେଠାରେ ତାଙ୍କୁ ମୃତ ଭାବେ ଗ୍ରହଣ କରାଯାଇଥିଲା । ଆଜି ଅପରାହ୍ନରେ ତାଙ୍କର ମୃତ ଶରୀରକୁ ଭୁବନେଶ୍ୱରର ସତ୍ୟନଗର ସ୍ଥିତ ଶ୍ମଶାନକୁ ଦାହ ନିମନ୍ତେ ପଠା ଯାଇଅଛି । ତାଙ୍କର 52 ବର୍ଷ ବୟସ୍କା ଧର୍ମ ପତ୍ନୀ ମଧ୍ୟ କରୋନା ପଜିଟିଭ୍ ଥିବାରୁ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲକୁ ଚିକିତ୍ସା ନିମନ୍ତେ ପଠା ଯାଇଅଛି ।

ଇତି ମଧ୍ୟରେ ନାଲକୋ ଠାରେ ଏକ ମେଡ଼ିକାଲ ଟିମ୍ ପହଞ୍ଚି ତାଙ୍କର ସିଧାସଳଖ ସମ୍ପର୍କରେ ଆସିଥିବା ଲୋକଙ୍କର କଣ୍ଟାକ୍ଟ ଟ୍ରେସିଙ୍ଗ କରି 15 ଜଣ ଲୋକଙ୍କୁ ହୋମ୍ କ୍ୱାରାଣ୍ଟାଇନରେ ରଖାଯାଇଅଛି । ନାଲକୋ ହସ୍ପିଟାଲର ଓପିଡ଼ିକୁ ଗୋଟିଏ ଦିନ ପାଇଁ ବନ୍ଦ କରାଯାଇ ବିଶୋଧନ କର୍ଯ୍ୟ ଆରମ୍ଭ କରାଯାଇଅଛି । ସେ ବସୁଥିବା ନାଲକୋର ବୈଷୟୀକ କାର୍ଯ୍ୟାଳୟକୁ ଦୁଇ ଦିନ ପାଇଁ ବନ୍ଦ ରଖାଯାଇ ବିଶୋଧନ କରାଯାଉଅଛି । ଏହା ଛଡ଼ା ସେ ରହୁଥିବା କ୍ୱାଟରକୁ ସିଲ୍ ବନ୍ଦ ରଖାଯାଇଛି ଏବଂ ସଂପୃକ୍ତ ଅଞ୍ଚଳକୁ ମଧ୍ୟ ବିଶୋଧନ କରାଯାଉଛି ବୋଲି ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଆଜି ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି ।

ମନୋଜ ମହାନ୍ତି ୩୦/୬/୨୦୨୦

ଜିଲ୍ଲାପାଳ, ଅନୁଗୋଳ